# ଆଜି ସାବିତ୍ରୀ: ଫଳ ଦର ଆକାଶଛୁଆଁ

ଖୋର୍ଦ୍ଧା,୨୧।୫/ଏନ୍ଏନ୍ଏସ୍: ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଓଷା ଏବଂ ବ୍ରତ ଏକ ପୁରାତନ ପରମ୍ପରା। ଏହା ସହରଠାରୁ ପୁରପଲ୍ଲୀରେ ଜୀବିତ ହୋଇ ରହିଛି। ତେବେ ଓଷା ଏବଂ ଉପବାସ କଥା ଉଠିଲେ ପ୍ରଥମେ ଘରେ ଘରେ ପିଠା, ପଣା, ଫଳମୂଳ କିଣିବା ମୁଖ୍ୟତଃ ମନେପଡ଼େ। ଦେବଦେବୀଙ୍କ ନିକଟରେ ଭୋଗ ପାଇଁ ଆମ୍ବ,ପଣସ, ନଡ଼ିଆ, ସେଓ, ସପୁରୀ, ଖଜୁରୀ, ତାଳ ସମେତ ନା ନା ରକମର ଫଳ ମୂଳ ଖୋଜା ପଡ଼ିଥାଏ। ତେବେ ମହାମାରୀ କରୋନା ଯୋଗୁଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହା ସହ ପୁଣି ଦାଉ ସାଜିଛି ସାମୁଦ୍ରିକ ଝଡ଼ ଅମ୍ପନ। ଫଳରେ ବହୁ ବ୍ୟବସାୟୀଙ୍କ ବେପାର ଠପ୍ ହୋଇଯାଇଥିବାବେଳେ ଗୁରୁବାର ସକାଳୁ ପାଗ ଭଲ ଥିବାରୁ ଫଳ ବଜାରରେ ମହଙ୍ଗା ମାଡ଼ ସତ୍ୟବାନମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଚଳିତବର୍ଷ ଆମ୍ବ, କଦଳୀ, ଲିଚୁ, କମଳା ଓ ପଣସ ଚାଷୀଙ୍କ ଫସଲ ପ୍ରାୟତଃ ଭଲ ହୋଇ ନଥିବା ଜଣାଯାଇଛି। ତେଣୁ ବଜାରରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଆଉ ଯେଉଁ



ପରିମାଣରେ ଚାଷୀ ଆମ୍ବ, ପଣସ, କଦଳୀ ବଜାରକୁ ବିକ୍ରି ନିମନ୍ତେ ଆଣୁଛନ୍ତି, ତାହା ସହରବାସୀଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଫଳରେ ପଡୋଶୀ ରାଜ୍ୟ ଆନ୍ଧ୍ରର କଦଳୀ ଏବଂ ଆମ୍ବର ଚାହିଦା ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ଅମଳ ହେଉଥିବା ଚମ୍ପା କଦଳୀ ସମେତ ଆନ୍ଧ୍ର କଦଳୀର କୃତିମ ଅଭାବ ଖୋର୍ଦ୍ଧା ସହରରେ ଦେଖାଯାଇଛି। ତେଣୁ ଆନ୍ଧ୍ରରୁ ଉତ୍ପାଦନ ହେଉଥିବା ଦେଶୀ କଦଳୀ (ଅମୃତପାଣୀ)ବିପୁଳ ପରିମାଣରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ବଜାରରେ ୨୦ରୁ ୪୦ଟଙ୍କାରେ ମିଳୁଥିବା ଚମ୍ପା କଦଳୀ କାଁ ଭାଁ ବିକ୍ରୀ ହେଉଥିବାବେଳେ ମଧ୍ୟବିତ ଓ ଗରୀବ ଲୋକେ ବାଧ ହୋଇ ଅମୃତପାଣୀ କଦଳୀ ଡର୍ଜନ ପିଛା ୯୦ ଟଙ୍କାରୁ ୧୨୦ଟଙ୍କାରେ କିଣୁଥିବା ଦେଖାଯାଇଛି। ଏହା ସହିତ ଗଞ୍ଜାମ ଓ କନ୍ଧମାଳରୁ ଆସୁଥିବା ପଣସ ମଧ୍ୟ ଅଧିକା ମାତ୍ରାରେ ଦୋକାନରେ ଉପଲବ୍ଧ ହେଉଛି। ପଣସ ଗୋଟା ୧୦୦ରୁ ୫୦୦ଟଙ୍କା ଯାଏ ବିକ୍ରି ହେଉଛି। ସେହିପରି ସପୁରୀ ଗୋଟା ୫୦ରୁ ୭୦ ଟଙ୍କା, ଦେଶୀ ଆମ୍ବର କେଜି ପ୍ରତି ଦର ୪୦ରୁ ୫୦ ଟଙ୍କା ଥିବାବେଳେ ଉନ୍ନତମାନର ଆମ୍ବ ଦର ୭୦ ଟଙ୍କାରୁ କମ୍‌ରେ ମିଳୁନି। ସେହିପରି ତାଳ ଗୋଟାକୁ ୨୦ରୁ ୩୦ଟଙ୍କା, ଖଜୁରୀ କୋଳି ପ୍ୟାକେଟ୍ ୧୦ଟଙ୍କାରୁ ୧୫୦ଟଙ୍କା, ଲିଚୁ କୋଳି କେଜି ୧୪୦ରୁ ୨୦୦ଟଙ୍କା, ଜାମୁ କୋଳି ୨ଟିକୁ ୫ଟଙ୍କା, ସେଓ କେଜି ୧୫୦ରୁ ୧୭୦ଟଙ୍କା, ଅଙ୍ଗୁର କେଜି ୧୫୦ଟଙ୍କା, କମଳା କେଜି ୧୨୦ଟଙ୍କା, ତରଭୁଜ କେଜି ୧୮ଟଙ୍କା, ନଡ଼ିଆ ଗୋଟା ୨୦ରୁ ୩୫ ଟଙ୍କା ଦରରେ ବିକ୍ରି ହେଉଥିବାବେଳେ ଲିଚୁ କୋଳି କେଜି ୨୦୦ଟଙ୍କାରେ ବିକ୍ରୀ ହେଉଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଫଳ ଦର ବୃଦ୍ଧି ସତ୍ୟବାନମାନଙ୍କ ଚିନ୍ତା ବଢାଇ ଦେଇଛି।

ଗତବର୍ଷ ବାତ୍ୟା ଫାନି ଯୋଗୁଁ ଦେଶୀ ଆମ୍ବ, ପଣସ, କଦଳୀ ଚାଷୀମାନେ ଏକ ପ୍ରକାର ହତାଶ ହୋଇଥିଲେ। ଫଳରେ ଚଳିତବର୍ଷ ଅଧିକାଂଶ ଚାଷୀ ଏସବୁ ଚାଷରୁ ମୁହଁ ଫେରାଇ ନେଇଥିଲେ। ଯେଉଁ କେତେଜଣ ଚାଷୀ ଫଳ ଚାଷ କରିଛନ୍ତି ସେସବୁ ମାଙ୍କଡ଼ପଲ ଉଜାଡ଼ି ଦେଉଥିବା ଚାଷୀ ଲକ୍ଷ୍ମୀଧର ନାୟକ ଅଭିଯୋଗ କରିଛନ୍ତି। ଫଳ ବେପାରୀ ଜିତେନ୍ଦ୍ର ସ୍ୱାଇଁ ମତ ହେଉଛି ଲକ୍‌ଡାଉନ ଯୋଗୁଁ ବଜାର ହାଟ ବନ୍ଦ ରହିଥିଲା। ଏଇ କିଛିଦିନ ହେବ ବଜାର ଖୋଲିଛି। ଆସନ୍ତାକାଲି ସାବିତ୍ରୀ ବ୍ରତ ପାଇଁ ଦର ଉଚ୍ଚା ସତ୍ତ୍ୱେ ବି ଦୋକାନ ଆଗରେ ଗହଳି ରହିଛି। ପାଗ ଭଲ ହେବାରୁ ଖୋର୍ଦ୍ଧା ଟ୍ରାଫିକ ଛକ, ଏସ୍‌ବିଆଇ ଛକ, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ଆଦି ସ୍ଥାନରେ ଫଳ ବ୍ୟବସାୟୀଙ୍କ ଦୋକାନରେ ପ୍ରବଳ ଭିଡ଼ ଜମିଛି। ଏଥିରୁ ବେପାରୀମାନେ ଭଲ ଦି' ପଇସା ଲାଭ ପାଇବା ପାଇଁ ଆଶା ରଖିଛନ୍ତି ବୋଲି ସେ କହିଛନ୍ତି।

ନିତିଦିନ NITIDIN
Fri, May 22, 2020
http://odishanewsnitidin.com